କେରଳ ରାଜ୍ୟ ଏବଂ ଅନ୍ୟଜଣେ

ବନାମ

ପ୍ରଫେସର ଡି. ଗୋପାଳକୃଷ୍ଣ ପିଲ୍ଲାଇ ଏବଂ ଅନ୍ୟମାନେ (2008ର ଦେୱାନୀ ଆବେଦନ ସଂଖ୍ୟା 5907)

ସେପ୍ଟେମ୍ବର 30,2008

**[ଡ. ଅରିଜିତ ପାଶାୟତ ଏବଂ ଡ. ମୁକୁନ୍ଦକମ୍ ଶର୍ମା, ନ୍ୟାୟମୂର୍ତ୍ତିଦ୍ୱୟ ]**

*ପୂର୍ବଦୃଷ୍ଟାନ୍ତ - ଆଜ୍ଞାଦେଶ ଆବେଦନ -ଜଣିକିଆ ଖଣ୍ଡପୀଠ ତଥା ଉଚ୍ଚ ନ୍ୟାୟାଳୟର ଦୁଇ ଜଣିଆ ଖଣ୍ଡପୀଠ ଦ୍ୱାରା ଅନୁମତି ପ୍ରାପ୍ତ-ସମାନ ପ୍ରସଙ୍ଗରେ ସର୍ବୋଚ୍ଚ ନ୍ୟାୟାଳୟର ରାୟ ଉପରେ ନିର୍ଭରଶୀଳ ହେବା-ସମାନ ମାମଲାରେ ନିଷ୍ପତ୍ତି ହୋଇଥିବା ମାମଲା ଆଧାରରେ ଏହି ପ୍ରସଙ୍ଗର ନିଷ୍ପତ୍ତି ନେବା ପାଇଁ ଉଚ୍ଚ ନ୍ୟାୟାଳୟର ଦୁଇ ଜଣିଆ ଖଣ୍ଡପୀଠକୁ ପଠାଯାଇଛି ।*

*କେରଳ ରାଜ୍ୟ ବନାମ ପି. ଭି. ନୀଲକନ୍ଦନ 2005 (5) ଏସ. ସି. ସି. 561- ଉପରେ ନିର୍ଭର କରିଥିଲା ।*

ଦେୱାନୀ ଆବେଦନ ଅଧିକାରିତ :2008 ର ଦେୱାନୀ ଆବେଦନ ସଂଖ୍ୟା 5907

2005 ର ଡବ୍ଲୁ. ଏ. ସଂଖ୍ୟା 1432 ରେ ଏର୍ଣ୍ଣାକୁଲମରେ କେରଳ ଉଚ୍ଚ ନ୍ୟାୟାଳୟର 19.7.2005 ତାରିଖର ଅନ୍ତିମ ରାୟ ଏବଂ ଆଦେଶରୁ

ସହିତ

2008ର ସି. ଏ. ସଂଖ୍ୟା 5908

ଆବେଦନକାରୀଙ୍କ ପାଇଁ ଟି. ଏଲ. ଭି. ଆୟାର, ଜି. ପ୍ରକାଶ ଏବଂ ବୀନା ପ୍ରକାଶ ।

ଉତ୍ତରଦାତା ପାଇଁ ପି. କେ. ମନୋହର ।

ନ୍ୟାୟାଳୟର ରାୟ ନ୍ୟାୟମୂର୍ତ୍ତି **ଡ. ଅରିଜିତ ପଶାୟତ**ଙ୍କ ଦ୍ୱାରା ପ୍ରଦାନ କରାଗଲା ।

1.ଅନୁମତି ମଞ୍ଜୁର ହେଲା ।

2. ଏହି ଆବେଦନରେ ଆପତ୍ତି ହେଉଛି କେରଳ ଉଚ୍ଚ ନ୍ୟାୟାଳୟର ଏକ ଖଣ୍ଡପୀଠର ରାୟ ଯାହା ରାଜ୍ୟ ଦ୍ୱାରା ଦାଖଲ ହୋଇଥିବା ଆବେଦନକୁ ଖାରଜ କରିଦେଇଛି । ଉଚ୍ଚ ନ୍ୟାୟାଳୟ ସମ୍ମୁଖରେ ଏହା ଯୁକ୍ତି କରାଯାଇଥିଲା ଯେ ମହାଲେଖାକାର ବନାମ କୁଞ୍ଜାମ୍ମା [2003 (3) କେ. ଏଲ. ଟି. 345] ମାମଲାରେ ଉଚ୍ଚ ନ୍ୟାୟାଳୟର ପୂର୍ଣ୍ଣ ବିଚାରପୀଠର ନିର୍ଣ୍ଣୟ ବିଦ୍ୱାନ ଏକକ ବିଚାରପତିଙ୍କ ଦ୍ୱାରା ନିର୍ଭରଶୀଳ ଥିଲା ଏହି ନ୍ୟାୟାଳୟରେ ଅପିଲରେ ଥିଲା ଏବଂ ଉକ୍ତ ନ୍ୟାୟାଳୟର ସ୍ଥଗିତାଦେଶର ଆଦେଶ ପାରିତ ହୋଇଥିଲା । କିନ୍ତୁ, ଉଚ୍ଚ ନ୍ୟାୟାଳୟଙ୍କ ମତ ଥିଲା ଯେ ପୂର୍ଣ୍ଣ ବିଚାରପୀଠ ନିର୍ଣ୍ଣୟକୁ ଦୃଷ୍ଟିରେ ରଖି ଆଜ୍ଞାଦେଶ ଆବେଦନର ଯୋଗ୍ୟତା ନଥିଲା ।

3. ଏହା ଉପସ୍ଥାପିତ ହୋଇଛି ଯେ ଉଚ୍ଚ ନ୍ୟାୟାଳୟଙ୍କ ରାୟ ତାରିଖ 19.7.2005ରେ ହୋଇଥିବା ବେଳେ ସମାନ ପ୍ରସଙ୍ଗ କେରଳ ରାଜ୍ୟ ବନାମ ପି. ଭି. ନୀଲକନ୍ଦନ [2005 (5) SCC 561] ରେ ରାୟ ପାଇଁ ଆସିଥିଲା, ଯାହା 11.7.2005 ତାରିଖରେ ନିଷ୍ପତ୍ତି ନିଆଯାଇଥିଲା ।

4. ଆବେଦନକାରୀ ପାଇଁ ବିଦ୍ୱାନ ଓକିଲ ଉପସ୍ଥାପିତ କରିଥିଲେ ଯେ 2005 ର ସି. ଏ. ସଂଖ୍ୟା 2907 ରେ 22.2.2007 ତାରିଖ ଉପରେ ନିଷ୍ପତ୍ତି ନିଆଯାଇଥିବା ମତର ମଧ୍ୟ ପ୍ରାସଙ୍ଗିକତା ରହିଛି ।

5. ଆମର ମତ ହେଉଛି ଯେ ପି. ଭି. ନୀଲକନ୍ଦନଙ୍କ ମାମଲା (ଉପରୋକ୍ତ) ଏବଂ 2005 ର ସି. ଏ. 2907 ରେ ଯାହା କୁହାଯାଇଛି ତାହା ଅନୁଯାୟୀ ଏହି ମାମଲାର ନିଷ୍ପତ୍ତି ନିଆଯିବା ଆବଶ୍ୟକ । ତେଣୁ, ଉପରୋକ୍ତ ଦୁଇଟି ନିଷ୍ପତ୍ତିରେ ଏହି ଅଦାଲତ ଯାହା କହିଛନ୍ତି, ତାହାକୁ ଦୃଷ୍ଟିରେ ରଖି ଏହି ମାମଲାର ନୂତନ ଶୁଣାଣି କରିବା ଏବଂ ଆଜ୍ଞାଦେଶ ଆବେଦନ ଉପରେ ନିଷ୍ପତ୍ତି ନେବା ପାଇଁ ଆମେ ଏହି ମାମଲାକୁ ଉଚ୍ଚ ନ୍ୟାୟାଳୟକୁ ପଠାଉଛୁ ।

6. ସେହି ଅନୁଯାୟୀ ଆବେଦନଟିର ଫଏସଲା କରାଯାଇଥାଏ ।

କେ. କେ. ଟି. ଆବେଦନଗୁଡ଼ିକର ଫଏସଲା କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର :**
ସ୍ୱିଡିଲ୍ ନାୟକ,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।